# NATIONAL NEWS BULLETIN (ODIA)

## 29 September - 2024

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଆଜି ଭାବ ବିନିମୟ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ଆଭାସୀ ମାଧ୍ୟମରେ ମହାରାଷ୍ଟ୍ରରେ ୧୧ହଜାର ୨୦୦କୋଟିରୁ ଅଧିକ ଟଙ୍କା ବ୍ୟୟର ବିଭିନ୍ନ ପ୍ରକଳ୍ପର ଆଜି ଉଦ୍‌ଘାଟନ ଓ ଲୋକାର୍ପଣ କରିବେ ପ୍ରଧାନମନ୍ତ୍ରୀ ।
- ଜାମ୍ମୁକାଶ୍ମୀର ତୃତୀୟ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ଆଜି ଶେଷ ହେବ ପ୍ରଚାର ।
- ଇସ୍ରାଏଲକୁ କ୍ଷତି ପହଞ୍ଚାଇଲେ ପରିଣାମ ଭୋଗ କରିବାକୁ ପଡିବ- କହିଲେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ।

ଏବଂ

- ସାଫ୍ ୧୭ବର୍ଷରୁ କମ୍ ଫୁଟବଲ ଟାଇଟଲ ହାସଲ ପାଇଁ ଆସନ୍ତାକାଲି ଭାରତ-ବାଂଲାଦେଶ ମୁକାବିଲା ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ପୂର୍ବାହ୍ନ ୧୧ଟାରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ । ଏହା ମାସିକ ରେଡ଼ିଓ କାର୍ଯ୍ୟକ୍ରମ ମନ୍ କି ବାତ୍‌ର ୧୧୪ତମ ସଂସ୍କରଣ ହେବ । ତୃତୀୟଥର ଲାଗି ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ଚତୁର୍ଥ ମନ୍ କି ବାତ୍ କାର୍ଯ୍ୟକ୍ରମ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ **News on AIR** ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

## ପିଏମ୍ ମହାରାଷ୍ଟ୍ର ପ୍ରୋଜେକ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ମହାରାଷ୍ଟ୍ରରେ ୧୧ହଜାର ୨୦୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଲୋକାର୍ପଣ କରିବେ । ପୁଣେ ମେଟ୍ରୋ ସେକ୍ସନର ଜିଲ୍ଲା

କୋର୍ଟଠାରୁ ସ୍ୱରଗେଟ୍ ପର୍ଯ୍ୟନ୍ତ ରେଳଲାଇନ୍‌ର ଲୋକାର୍ପଣ କରିବେ । ଏହି ଭୂତଳ ରେଳଲାଇନ୍ ନିର୍ମାଣ ପାଇଁ ପାଖାପାଖି ୧ହଜାର ୮୧୦କୋଟି ଟଙ୍କା ବ୍ୟୟ ହୋଇଛି । ଏଥିସହ ପୁଣେ ମେଟ୍ରୋ ରେଳ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଶେଷ ହେବ ।

ଏହି ପ୍ରକଳ୍ପର ସ୍ୱରଗେଟ୍ କଟରାଜ ରେଳ ଲାଇନ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଏଥିପାଇଁ ପ୍ରାୟ ୨ହଜାର ୯୫୫ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ୫ ଦଶମିକ ୪/୬ କିଲୋମିଟର ଦୀର୍ଘ ଏହି ଭୂତଳ ରେଳପଥରେ ମାର୍କେଟ୍‌ୟାର୍ଡ, ପଦ୍ମାବତୀ ଏବଂ କଟରାଜଠାରେ ୩ଟି ଷ୍ଟେସନ ରହିବ । ଜାତୀୟ ଶିଳ୍ପ କରିଡର ବିକାଶ କାର୍ଯ୍ୟକ୍ରମ ଅଧୀନରେ ୭ହଜାର ୮୫୫ ଏକର ପରିମିତ ବିଡ୍‌କିନ ଶିଳ୍ପାଞ୍ଚଳକୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ । ଦିଲ୍ଲୀ-ମୁମ୍ବାଇ ଶିଳ୍ପ କରିଡର ମଧ୍ୟରେ ବିକଶିତ ଏହି ପ୍ରକଳ୍ପ ମରାଠାଓ୍ୱାଡା ଅଞ୍ଚଳରେ ଆର୍ଥିକ ବିକାଶକୁ ପ୍ରୋତ୍ସାହନ ପ୍ରଦାନ କରିବ ।

୩ଟି ପର୍ଯ୍ୟାୟରେ ଏହି ପ୍ରକଳ୍ପର ବିକାଶ କରି ମୋଟ୍ ୬ହଜାର ୪୦୦ କୋଟିରୁ ଅଧିକ ଟଙ୍କା ଅନୁମୋଦନ କରାଯାଇଛି । ପ୍ରଧାନମନ୍ତ୍ରୀ ସୋଲାପୁର ବିମାନବନ୍ଦରକୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ଏହି ବିମାନବନ୍ଦର ସୋଲାପୁରରେ ପର୍ଯ୍ୟଟନ ତଥା ଅନ୍ୟାନ୍ୟ କ୍ଷେତ୍ରରେ ବିକାଶକୁ ତ୍ୱରାନ୍ୱିତ କରିବ । ବାର୍ଷିକ ପ୍ରାୟ ୪ଲକ୍ଷରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ସେବା

ପ୍ରଦାନ କରିବା ଲାଗି ଏହି ବିମାନ ବନ୍ଦରର ଟର୍ମିନାଲ ବିଲ୍ଡିଂର ନବୀକରଣ କରାଯାଇଛି । ଭିଡେଓ୍ୱାଡାଠାରେ କ୍ରାନ୍ତିଜ୍ୟୋତି ସାବିତ୍ରିବାଇ ଫୁଲେଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରତିଷ୍ଠା ହେବାକୁ ଥିବା ପ୍ରଥମ ବାଳିକା ବିଦ୍ୟାଳୟର ପ୍ରଧାନମନ୍ତ୍ରୀ ଶିଳାନ୍ୟାସ କରିବେ ।

## ଜାମ୍ମୁ-କାଶ୍ମୀର : ନିର୍ବାଚନ ପ୍ରଚାର

ଜାମ୍ମୁକାଶ୍ମୀର ତୃତୀୟ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ପ୍ରଚାରକାର୍ଯ୍ୟ ଆଜି ଶେଷ ହେବ । ଏହି ପର୍ଯ୍ୟାୟରେ ଆସନ୍ତା ମଙ୍ଗଳବାର ଦିନ ୪୦ଟି ବିଧାନସଭା ମଣ୍ଡଳୀ ପାଇଁ ମତଗ୍ରହଣ କରାଯିବ । ସେଥିମଧ୍ୟରୁ କାଶ୍ମୀର ଅଞ୍ଚଳର ୧୬ଟି ଏବଂ ଜାମ୍ମୁ ଅଞ୍ଚଳର ୨୪ଟି ଆସନ ଅନ୍ତର୍ଭୁକ୍ତ । ଜାମ୍ମୁକାଶ୍ମୀର ୩ଟି ପର୍ଯ୍ୟାୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେଉଛି । ପ୍ରଥମ ପର୍ଯ୍ୟାୟ ପାଇଁ ଗତ ୧୮ ତାରିଖରେ ଅନୁଷ୍ଠିତ ମତଗ୍ରହଣରେ ୬୧ପ୍ରତିଶତରୁ ଅଧିକ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଥିଲେ । ୨୫ ତାରିଖରେ ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟରେ ୫୬ ପ୍ରତିଶତ ମତଦାତା ଭୋଟ୍ ଦେଇଥିଲେ । ଆସନ୍ତା ମାସ ୮ ତାରିଖରେ ଭୋଟ୍‌ଗଣତି ହୋଇ ଫଳାଫଳ ଘୋଷଣା କରାଯିବ ।

# ଜୟଶଙ୍କର-ଉଗା

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି ପାକିସ୍ତାନର ସୀମାପାର୍ ଆତଙ୍କବାଦ ନୀତି କେବେ ବି ସଫଳ ହେବ ନାହିଁ । ନ୍ୟୁୟର୍କରେ ଅନୁଷ୍ଠିତ ଜାତିସଂଘ ସାଧାରଣ ପରିଷଦର ଅଣାଅଶୀତମ ଅଧିବେଶନକୁ ସମ୍ବୋଧିତ କରିବା ଅବସରରେ ସେ ଏହା କହିଛନ୍ତି । ଦୁଇଦେଶ ମଧ୍ୟରେ ସମାଧାନ ହେବାକୁ ଥିବା ମୁଖ୍ୟ ଦୁଇଟି ପ୍ରସଙ୍ଗ ଉପରେ ସେ ଆଲୋକପାତ କରିଛନ୍ତି । ସେଗୁଡ଼ିକ ହେଉଛି ପାକ୍ ଅଧିକୃତ କାଶ୍ମୀର ଅଞ୍ଚଳ ଏବଂ ଦୀର୍ଘଦିନ ଧରି ପାକିସ୍ତାନ ପଟୁ ଚାଲିଥିବା ସୀମାପାର୍ ଆତଙ୍କବାଦ । ପାକିସ୍ତାନର ଆତଙ୍କବାଦକୁ ପ୍ରୋତ୍ସାହନ ଦ୍ୱାରା କୌଣସି ରାଷ୍ଟ୍ର କ୍ଷତିଗ୍ରସ୍ତ ହେଉଛନ୍ତି ବୋଲି ସେ କହିଛନ୍ତି । ହିଂସା ମାଧ୍ୟମରେ ବିଶ୍ୱକୁ ଭୟଭୀତ କରାଯାଇ ପାରିବ ନାହିଁ ବୋଲି ଡକ୍ଟର ଜୟଶଙ୍କର ସ୍ପଷ୍ଟ କରିଛନ୍ତି । ଆତଙ୍କବାଦକୁ ପ୍ରତ୍ୟେକ କ୍ଷେତ୍ରରୁ ବିରୋଧ କରାଯିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ପ୍ରଭାବଶାଳୀ, ଦକ୍ଷ ଏବଂ ଜାତିସଂଘ ସଦସ୍ୟତା ବୃଦ୍ଧି ଉପରେ ଡକ୍ଟର ଜୟଶଙ୍କର ଆଲୋକପାତ କରିଛନ୍ତି । ଖାଦ୍ୟ ନିରାପତ୍ତା, ସ୍ୱାସ୍ଥ୍ୟ ସୁରକ୍ଷା ଆଦି ଆହ୍ୱାନର ମୁକାବିଲା କରିବାରେ ଭାରତ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି । ଦେଶବାସୀଙ୍କୁ ମୌଳିକ

ସୁବିଧାସୁଯୋଗ ପ୍ରଦାନ କରିବା ପାଇଁ ସମସ୍ତ ପ୍ରକାର ପ୍ରୟାସ ଜାରି ରହିଛି ବୋଲି ଡକ୍ଟର ଜୟଶଙ୍କର ସୂଚନା ଦେଇଛନ୍ତି । ତୃତୀୟ ପାଳିର ବିଜେପି ନେତୃତ୍ୱାଧୀନ ସରକାର ଯୁବବର୍ଗଙ୍କ ଦକ୍ଷତାକୁ ବିକଶିତ କରିବାକୁ ପ୍ରାଥମିକତା ପ୍ରଦାନ କରୁଛନ୍ତି ବୋଲି ସେ ତାଙ୍କ ଉଦ୍‌ବୋଧନରେ ଉଲ୍ଲେଖ କରିଛନ୍ତି ।

## ଜେପି ନଡ୍ଡା-ତେଲେଙ୍ଗାନା

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଦେଶର କୋଣ ଅନୁକୋଣରେ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ହାଇଦ୍ରାବାଦଠାରେ ଗତ ସଂଧ୍ୟାରେ ତେଲେଙ୍ଗାନା ରାଜ୍ୟସ୍ତରୀୟ ଦଳୀୟ ନେତା ଏବଂ ନିର୍ବାଚିତ ପ୍ରତିନିଧିଙ୍କ ସହ ଆଲୋଚନା କାଳରେ ସେ ଏହା କହିଛନ୍ତି । ସଦସ୍ୟତା ଅଭିଯାନର ସମୀକ୍ଷା କରିବା ଅବସରରେ ଶ୍ରୀ ନଡ୍ଡା ଆସନ୍ତା ୧୫ ଦିନ ପର୍ଯ୍ୟନ୍ତ ଦଳୀୟ କର୍ମୀଙ୍କୁ ରାଜ୍ୟର ପ୍ରତ୍ୟେକ ମଣ୍ଡଳ ପରିଦର୍ଶନ କରିବାକୁ ପରାମର୍ଶ ଦେଇଛନ୍ତି ।

## ଗୋଏଲ-ୟୁପି ଟ୍ରେଡ୍

କେନ୍ଦ୍ର ଏବଂ ଉତ୍ତରପ୍ରଦେଶର ଡବଲ ଇଞ୍ଜିନ ସରକାର ୨୦୪୭ ସୁଦ୍ଧା ଭାରତର ଆର୍ଥିକ ସ୍ଥିତିକୁ ୩୫ ଟ୍ରିଲିୟନ ଆମେରିକୀୟ ଡଲାରରେ ପରିଣତ କରିବାରେ ସହାୟକ ହେବ ବୋଲି ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୁଷ ଗୋଏଲ କହିଛନ୍ତି । ଗ୍ରେଟର ନଏଡାଠାରେ ଆୟୋଜିତ ଉତ୍ତରପ୍ରଦେଶ ଆନ୍ତର୍ଜାତିକ ବାଣିଜ୍ୟ ସମ୍ମିଳନୀର ଦ୍ୱିତୀୟ ସଂସ୍କରଣରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ ଶ୍ରୀ ଗୋଏଲ ଏହା କହିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଉତ୍ତରପ୍ରଦେଶକୁ ଏକ ଟ୍ରିଲିୟନ ଆମେରିକୀୟ ଡଲାର ଅର୍ଥନୀତିରେ ପହଞ୍ଚାଇ ପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ଆଇନ୍‌କୁ ସରଳ କରିବା ଏବଂ ବ୍ୟବସାୟକୁ ସହଜ କରିବାକୁ ସରକାର ପ୍ରାଥମିକତା ଦେଉଛନ୍ତି । ସରକାର ଫୋର୍-ଡି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିଛନ୍ତି । ସେଗୁଡିକ ହେଉଛି ନିର୍ଣ୍ଣାୟକ ନେତୃତ୍ୱ, ଚାହିଦା, ଜନସଂଖ୍ୟାଗତ ଲାଭାଂଶ ଏବଂ ଗଣତନ୍ତ୍ର । ମେକ୍ ଇନ୍ ଇଣ୍ଡିଆର ସଫଳତା ବିଷୟରେ ଉଲ୍ଲେଖ କରି ସେ କହିଛନ୍ତି ଏହା ଯୁବବର୍ଗଙ୍କ ପାଇଁ ରୋଜଗାର ଏବଂ ଉଦ୍ୟୋଗ ସୁଯୋଗ ସୃଷ୍ଟି କରିବାରେ ସହାୟକ ହୋଇଛି । ଉତ୍ପାଦନ କ୍ଷେତ୍ରରେ ଭାରତକୁ ଏକ ଶକ୍ତିଶାଳୀ ରାଷ୍ଟ୍ରରେ ପରିଣତ କରିବାରେ ଏହି ଯୋଜନା ଏକ ସଫଳ ମାର୍ଗ ବୋଲି ଶ୍ରୀ ଗୋଏଲ କହିଛନ୍ତି ।

## ଇସ୍ରାଏଲ-ଇରାନ୍

ଇସ୍ରାଏଲକୁ କ୍ଷତି ପହଞ୍ଚାଇଲେ ତା'ର ପରିଣାମ ଭୋଗ କରିବାକୁ ପଡିବ ବୋଲି ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଚେତାବନୀ ଦେଇଛନ୍ତି । ଇସ୍ରାଏଲ ପ୍ରତିରକ୍ଷାବାହିନୀ ଆକ୍ରମଣରେ ହିଜ୍‌ବୁଲ୍ଲା ନେତା ହାସନ ନସରୁଲ୍ଲାଙ୍କ ମୃତ୍ୟୁ ପରେ ଇରାନ୍‌କୁ ସତର୍କ କରାଇ ପ୍ରଧାନମନ୍ତ୍ରୀ ଶ୍ରୀ ନେତାନ୍ୟାହୁ ଏହା କହିଛନ୍ତି । ଇରାନ୍ ଏବଂ ମଧ୍ୟପ୍ରାଚ୍ୟର ପ୍ରତ୍ୟେକ ଅଞ୍ଚଳ ଇସ୍ରାଏଲର ଆକ୍ରମଣ ସୀମା ମଧ୍ୟରେ ରହିଛି ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଇସ୍ରାଏଲ ନାଗରିକଙ୍କ ସହ ଅନ୍ୟ ଦେଶବାସୀଙ୍କୁ ହତ୍ୟା କରିବାରେ ଦାୟି ବ୍ୟକ୍ତିବିଶେଷଙ୍କୁ କ୍ଷମା କରାଯିବ ନାହିଁ ବୋଲି ସେ କହିଛନ୍ତି । ହିଜ୍‌ବୁଲ୍ଲା ନେତା ନସରୁଲ୍ଲାଙ୍କ ମୃତ୍ୟୁପରେ ଇସ୍ରାଏଲ ପଣବନ୍ଦୀକୁ ମୁକ୍ତ କରିବା ପଥ ଉନ୍ମୁକ୍ତ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି ନସରୁଲ୍ଲାଙ୍କ ମୃତ୍ୟୁ ଦ୍ୱାରା ଅନେକ ପୀଡିତଙ୍କୁ ନ୍ୟାୟ ମିଳିଛି । ଗତ କିଛିବର୍ଷ ଧରି ବହୁ ଆମେରିକୀୟ, ଇସ୍ରାଏଲବାସୀ ଏବଂ ଲେବାନନ୍‌ର ସାଧାରଣ ନାଗରିକଙ୍କ ମୃତ୍ୟୁ ପାଇଁ ନସରୁଲ୍ଲା ଦାୟୀ ବୋଲି ଶ୍ରୀ ବାଇଡେନ୍ କହିଛନ୍ତି । ହିଜବୁଲ୍ଲା, ହମାସ୍ ଏବଂ ହୁତିଙ୍କ ପକ୍ଷରୁ ରହିଥିବା ବିପଦକୁ ମୁକାବିଲା କରିବାରେ

ଇସ୍ରାଏଲର ଆତ୍ମରକ୍ଷା ଅଧିକାରକୁ ଆମେରିକା ସମର୍ଥନ କରେ ବୋଲି ଶ୍ରୀ ବାଇଡେନ୍ ସ୍ପଷ୍ଟ କରିଛନ୍ତି ।

## ସାଫ୍ ଫୁଟବଲ

ସାଫ୍ ୧୭ ବର୍ଷରୁ କମ୍ ଫୁଟ୍‌ବଲ୍ ଟାଇଟଲ ହାସଲ ପାଇଁ ଭାରତ ଏବଂ ବାଂଲାଦେଶ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯିବ । ଭୁଟାନ୍‌ର ଥିମ୍ପୁ ସ୍ଥିତ ଚାଙ୍ଗଲିମିଥାଙ୍ଗ୍ ଷ୍ଟାଡିୟମ୍ ଠାରେ ଆସନ୍ତାକାଲି ଫାଇନାଲ ମ୍ୟାଚ୍ ଖେଳାଯିବ । ଗତକାଲି ପ୍ରଥମ ସେମିଫାଇନାଲ୍‌ରେ ନେପାଳ ବିରୁଦ୍ଧରେ ଭାରତ ୪-୨ ଗୋଲ୍‌ରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା । ଏହି ମ୍ୟାଚ୍‌ରେ ପ୍ରଥମାର୍ଦ୍ଧରେ ଗୋଟିଏ ଗୋଲ୍ ପଛରେ ଥାଇ ଭାରତର ଖେଳାଳି ୪ଟି ଗୋଲ୍ ସ୍କୋର କରିଥିଲେ । ତେବେ ନେପାଳର ଦ୍ୱିତୀୟ ଗୋଲ୍‌ଟି ଭାରତୀୟ ଖେଳାଳି ମହମ୍ମଦ କୈଫ୍‌ଙ୍କ ଗୋଡ଼ରେ ବାଜି ନିଜ ପଟେ ଗୋଲ୍ ହୋଇଥିଲା । ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍‌ରେ ବାଂଲାଦେଶ ପାକିସ୍ତାନକୁ ୮-୭ ପେନାଲ୍‌ଟି ସୁଟ୍‌ଆଉଟ୍‌ରେ ପରାସ୍ତ କରି ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପହଞ୍ଚିଛି ।

ସୂଚନା ଯୋଗ୍ୟ ଭାରତ ୫ ଥର ସାଫ୍ ୧୭ ବର୍ଷ କମ୍ ଫୁଟବଲ୍ ଚାମ୍ପିୟନ୍ ହୋଇଛି । ଗତଥର ଫାଇନାଲ୍‌ରେ ବାଂଲାଦେଶକୁ ୨-୦ ଗୋଲ୍‌ରେ ପରାସ୍ତ କରି ଭାରତ ଚାମ୍ପିୟାନ୍ ହୋଇଥିଲା ।

# ଭାରତ-ବାଂଲାଦେଶ ଟେଷ୍ଟ

କାନପୁରରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ଆଜି ତୃତୀୟ ଦିନରେ ବାଂଲାଦେଶ ପ୍ରଥମ ଇନିଂସରେ କରିଥିବା ତିନି ଓ୍ୱିକେଟ୍ ବିନିମୟରେ ୧୦୭ରନ୍ ସ୍କୋରରୁ ଖେଳ ଆରମ୍ଭ କରିବ । ପ୍ରବଳ ବର୍ଷା ଯୋଗୁଁ ଗତକାଲି ଖେଳ ସମ୍ଭବ ହୋଇପାରି ନଥିଲା । ଏପରିକି ପ୍ରଥମ ଦିନର ଖେଳ ଅପରାହ୍ଣ ପରେ ବନ୍ଦ ରହିଥିଲା । ବାଂଲାଦେଶର ମୋମିନୁଲ୍ ହକ୍ ୪୦ ଏବଂ ମୁସ୍‌ଫିକୁର୍ ରହିମ୍ ୬ ରନ୍ କରି କ୍ରିଜ୍‌ରେ ଅପରାଜିତ ଅଛନ୍ତି । ଆକାଶଦୀପ୍ ୨ଟି ଓ୍ୱିକେଟ୍ ଅକ୍ତିଆର କରିଥିବାବେଳେ ରବିଚନ୍ଦ୍ରନ ଅଶ୍ୱିନୀ ଗୋଟିଏ ଓ୍ୱିକେଟ୍ ହାସଲ କରିଛନ୍ତି । ସୂଚନାଯୋଗ୍ୟ ଏହି ମ୍ୟାଚ୍‌ରେ ଭାରତ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଚେନ୍ନାଇଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭାରତ ୨୮୦ରନ୍‌ରେ ବାଂଲାଦେଶକୁ ପରାସ୍ତ କରି ୧-୦ରେ ସିରିଜ୍ ଅଗ୍ରଣୀ ରହିଛି ।